The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

# ଓଡ଼ିଆ ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି

ଡ଼ ମମତାରାଣୀ ବେହେରା
ସହୋଯୋଗୀ ପ୍ରଫେସର
ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ (ସି.ଡି.ଓ.ଇ),ବାଣୀବିହାର , ଭୁବନେଶ୍ବର
ମେନକ ସାହୁ
ଗବେଷକ (ଓଡ଼ିଆ ବିଭାଗ), ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର, ଭୁବନେଶ୍ୱର

**ଶୋଧସାର**

ଆଲୋଚ୍ୟ ପ୍ରବନ୍ଧଟି ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି ସମ୍ବନ୍ଧୀୟ। ଓଡ଼ିଆ ସାହିତ୍ୟ କ୍ଷେତ୍ରରେ ଦିନକୁ ଦିନ ଭ୍ରମଣ କଥାର ପ୍ରଭାବ ବିସ୍ତାର ହୋଇ ଚାଲିଛି । ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି ଏକ ନିର୍ଦ୍ଦିଷ୍ଟ ସ୍ଥାନ ବା କ୍ଷେତ୍ରରେ ସୀମିତ ରହି ନାହିଁ । ବିଶ୍ବର ପ୍ରାୟ ସ୍ଥାନ, କ୍ଷେତ୍ର ଓ ଜାଗତିକ ବିଷୟବସ୍ତୁ ଉପରେ ଭ୍ରମଣ ସାହିତ୍ୟ ତା'ର ଆଧିପତ୍ୟ ବିସ୍ଥାପିତ କରିବାରେ ସଫଳ ହୋଇଛି । ଭାଷା , ସାହିତ୍ୟ , ଧର୍ମ , ଇତିହାସ , ପୁରାଣ , ବେଦ , ସଂସ୍କୃତି , ପରମ୍ପରା , ଐତିହ୍ୟ , ସଭ୍ୟତା , ଶିକ୍ଷା , ସେବା , ଖେଳ , ପ୍ରକୃତି , ପରିବେଶ , ସାମିଜିକ ବ୍ୟବସ୍ଥା ପ୍ରଭୃତି ଏଥିରେ ଉଲ୍ଲେଖ ରହୁଛି । ଆଲୋଚ୍ୟ ପ୍ରବନ୍ଧଟିରେ ଓଡ଼ିଆ ଭାଷାରେ ରଚିତ କେତେକ ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି ସଂପର୍କରେ ସଂକ୍ଷେପରେ ଆଲୋଚନା କରାଯାଇଅଛି । ସ୍ବାଧୀନତା ପୂର୍ବବର୍ତ୍ତୀ ଠାରୁ ପରବର୍ତ୍ତୀ ସମୟ ତଥା ଆଜି ବିଂଶ ଶତାବ୍ଦୀରେ ଓଡ଼ିଆ ଭ୍ରମଣ ସାହିତ୍ୟ ଭ୍ରମଣକାରୀଙ୍କ ଅନୁଭବ ଅନୁଭୂତିକୁ ପାଥେୟ କରି କିପରି ବଳିଷ୍ଠ ହୋଇଛି ତାହା ମଧ ଉଲ୍ଲେଖ ରହିଛି । ପ୍ରାଥମିକ ପର୍ଯ୍ୟାୟରେ ଗମନାଗମନର ସୁବିଧା କଷ୍ଟ ଥିବାରୁ ଏହାର ପରିସର ଖୁବ୍ ଅଳ୍ପ ବା ନିର୍ଦ୍ଧିଷ୍ଟ ପରିସରରେ ଥିଲା । ହେଲେ ଆଜିର ଆଧୁନିକ ସମୟରେରେ ଏହିର ପରିସର ଅତ୍ୟନ୍ତ ବ୍ୟାପକ ହେବାକୁ ଲାଗିଛି । ଉପରୋକ୍ତ ବିଭାଗ ଗୁଡ଼ିକ ବ୍ୟତିତ ଆହୁରି ଅନେକେ ବିଭାଗ ରହିଛି ଯେଉଁଠାରେ ଆଜିର ଭ୍ରମଣ ସାହିତ୍ୟ ତା'ର କାୟା ବିସ୍ତାର କରି ଚିଲିଛି ।

**କୂଟଶବ୍ଦ**

ଇଶ୍ୱରୀୟ , ସମ୍ବନ୍ଧୀୟ , ପରିସର , ସଭ୍ୟତା , ଇତିହାସ , ପୁରାଣ , ବେଦ , ସାହିତ୍ୟ , ସଂସ୍କୃତି , ଐତିହ୍ୟ , ପରଂପରା , ଶିକ୍ଷା , ଅନୁଭବ , ଅନୁଭୂତି , ବିଶ୍ବମୁଖୀ , ଜିଜ୍ଞାସାବୋଧ , ଆଧୁନିକ , କଳା , ଭାସ୍କର୍ଯ୍ୟ , ତୀର୍ଥ , ଧର୍ମ, ଦର୍ଶନୀୟ , ଗୌରବ, ମହିମା, ଅନ୍ତଦୃଷ୍ଟି , କୀର୍ତ୍ତି, ସୌଭାଗ୍ୟ ,ଚଳଣି , ସାରସ୍ବତ , ଜଗତ , ପୃଥିବୀ , ଆତ୍ମପ୍ରକାଶ , ଚମତ୍କାର। ସୌନ୍ଦର୍ଯ୍ୟବୋଧ , ଶୀଳ୍ପରୂପ, ଚିତ୍ରପଟ , ପୁଣ୍ୟତୋୟା ।

**ଉପକ୍ରମ**

ଭ୍ରମଣ କାହାଣୀ ଆଧୁନିକ ଯୁଗର ସୃଷ୍ଟି । ଓଡ଼ିଆ ସାହିତ୍ୟରେ ଏହାର ଜନ୍ମ ଉନବିଂଶ ଶତାବ୍ଦୀରେ ହୁଏ । ଓଡ଼ିଆ ଭାଷାରେ ବ୍ୟବହୃତ 'ଭ୍ରମଣ' ଶବ୍ଦଟି ମୂଳତଃ ଗ୍ରୀକ୍ ଶବ୍ଦର 'Taxide'ରୁ ଇଂରାଜୀ 'Travel'ଶବ୍ଦ ଉତ୍ପନ୍ନ । ପାଶ୍ଚାତ୍ୟ ସାହିତ୍ୟରେ ସ୍ମୃତି କଥାକାର ପଉଷନିଆସ (Pausanias) ଙ୍କୁ ପଥମ ଭ୍ରମଣ ସାହିତ୍ୟିକ ଭାବରେ ଗ୍ରହଣ କରାଯାଏ । ଆଧୁନିକ କାଳରେ ଭ୍ରମଣ କାହାଣୀର ପ୍ରଥମ ସ୍ରଷ୍ଟା ଭାବରେ 'Scotsm james Broswell 'ଙ୍କୁ ଗ୍ରହଣ କରାଯାଏ । ସେ ୧୭୮୫ ଖ୍ରୀ.ରେ 'Your to the Hebrides' ନାମରେ ଏକ ଭ୍ରମଣ ପତ୍ରିକା ପ୍ରକାଶ କରିଥିଲେ । ସେହି ପତ୍ରିକା ମାଧମରେ ହିଁ ଭ୍ରମଣ କାହାଣୀ ଏକ ସ୍ବତନ୍ତ୍ର ରଚନା ଭାବରେ ଗ୍ରହଣ ହେଲା । ସାଧାରଣତଃ ଭ୍ରମଣର ଅର୍ଥ ହେଉଛି ଗୋଟିଏ ସ୍ଥାନରୁ ଅନ୍ୟ ଏକ ସ୍ଥାନକୁ ଗନ୍ତବ୍ୟ କରିବା । ଖାଲି ଗମନ କଲେ ତାକୁ ଭ୍ରମଣ ସାହିତ୍ୟ କୁହାଯିବ ତାହା ନୁହେଁ । ଭ୍ରମଣ ଦ୍ଵାରା ମନୁଷ୍ୟ ବିସ୍ତୃତ ଜୀବନର ଅନୁଭୂତି ଲାଭ କରେ ଓ ବିଭିନ୍ନ ଲୋକ ଚରିତ୍ର ସଂପର୍କରେ ଜାଣେ ତା' ସହିତ ବିଭିନ୍ନ ଦେଶ ଓ ଜାତିର ଐତିହ୍ୟ,

ସଂସ୍କୃତି, ସଭ୍ୟତା, ଧର୍ମ, ରୀତିନୀତି, କଳା, ସାହିତ୍ୟ, ଦର୍ଶନ ଆଦି ବହୁ ସଂପର୍କରେ ଜ୍ଞାନ ଲାଭ ମିଳିଥାଏ । ଏହାଦ୍ୱାରା ନିଜର ଅନ୍ତର୍ଦୃଷ୍ଟିରେ ଏକ ବୀଜ ସୃଷ୍ଟି ହୁଏ । ସେହି ବୀଜ ଯେତେବେଳେ ସାହିତ୍ୟରେ ସ୍ଥାନ ପାଏ ସେତେବେଳେ ସେ ହୋଇଯାଏ ଭ୍ରମଣ ସାହିତ୍ୟ । ଓଡ଼ିଆ ସାହିତ୍ୟରେ ପ୍ରଥମେ ମଧୁସୂଦନ ଦାସଙ୍କୁ ବିଦେଶ ଭ୍ରମଣ କରିବାର ସୌଭାଗ୍ୟ ମିଳିଥିଲା କିନ୍ତୁ ସେ ତାହା କୌଣସି ଭ୍ରମଣ ସାହିତ୍ୟ ଆକାରରେ ପ୍ରକାଶ କରି ନଥିଲେ । ଓଡ଼ିଆ ସାହିତ୍ୟରେ ପ୍ରଥମ ଭ୍ରମଣ କାହାଣୀ ଭାବରେ ଗୋବିନ୍ଦ ରଥଙ୍କ କାବ୍ୟ ରୂପ ନେଇ ଆତ୍ମପ୍ରକାଶ କରିଥବା ଭ୍ରମଣବୃତ୍ତାନ୍ତ 'କଲିକତା ଦର୍ଶନ' ସ୍ମରଣୀୟ କିନ୍ତୁ ଶଶିଭୂଷଣ ରାୟ 'ଦାକ୍ଷିଣାତ୍ୟ ଭ୍ରମଣ'କୁ (୧୮୯୬ ମସିହା, ଗଦ୍ୟରେ) ଓଡ଼ିଆ ସାହିତ୍ୟର ପ୍ରଥମ ଭ୍ରମଣ କାହାଣୀ ଭାବରେ ଗ୍ରହଣ କରାଯାଇଛି । ଭ୍ରମଣ ଦ୍ୱାରା ମନୁଷ୍ୟର ମାନସକି ସ୍ତରରେ ପରିବର୍ତ୍ତନ ଘଟିବା ସଙ୍ଗେ ସଙ୍ଗେ ଶାରିରୀକ ସ୍ତରରେ ମଧ ପରିବର୍ତ୍ତନ ଆସିଥାଏ । ବ୍ୟକ୍ତି ବା ଲେଖକ ବିଭିନ୍ନ ଦେଶବିଦେଶ ଭ୍ରମଣ କରି ଭିନ୍ନଭିନ୍ନ ପରଂପରା, ଚଳଣି ଆଦିକୁ ଆଣି ନିଜ ଦେଶ ବା ଅଞ୍ଚଳରେ ପରିଚିତ କରାଇଥାଏ । ଯାହା ପରବର୍ତ୍ତୀ ସମୟରେ ନିଜ ଦେଶ ବା ଜାତିର ବିକାଶ ପଥରେ ସହାୟକ ହୋଇଥାଏ । କାରଣ କୌଣସି ଦେଶ ବା ଜାତିର ବିକାଶ ପ୍ରାୟତଃ ସେତେବେଳେ ସମ୍ଭବ ହୋଇଥାଏ ଯେତେବେଳେ ସେହି ଦେଶ ବା ଜାତିର ଲୋକମାନେ ଅନ୍ୟ କୌଣସି ଦେଶ ବା ଜାତିର ବିକଶିତ ପରିସରକୁ ଅନୁକରଣ କରିଥାଏ । ଏହା ପ୍ରାୟତଃ ଭ୍ରମଣ ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଭ୍ରମଣ କରିବା ଫଳରେ ମନୁଷ୍ୟ ଅତି ସୂକ୍ଷ୍ମଠାରୁ ସ୍ଥୂଳ ଜଗତରେ ପାଦ ଦେଇଥାଏ । ଟେଲିଭିଜନ୍, ସମ୍ବାଦପତ୍ର, ପତ୍ରପତ୍ରିକା ତଥା ଅନ୍ୟାନ୍ୟ ଉତ୍ସରୁ ଆମେ ଇଂଲଣ୍ଡ, ଆମେରିକା, ଆଫ୍ରିକା, ଋଷ, ଜର୍ମାନ ଭଳି କେତେକ ବିକଶିତ ରାଷ୍ଟ୍ରମାନଙ୍କ ସଂପର୍କରେ ବିଭିନ୍ନ କଥା ଜାଣିବାକୁ ପାଇଥାଉ । ତାଙ୍କର ସାମାଜିକ ବ୍ୟବସ୍ଥା, ଖାଦ୍ୟପେୟ, ବାସଗୃହ, ଶିକ୍ଷାଦୀକ୍ଷା ଆଦି କେତେକ ବିଷୟରେ ଜାଣିଥାଉ କିନ୍ତୁ ତାଙ୍କର ଚିନ୍ତା, ଭାବନାକୁ ଆମେ ସାଧାରଣତଃ ଏହି ମାଧମରେ ଜାଣି ନଥାଉ । ଏହା ଜାଣିବା ପାଇଁ ଆମକୁ ସେମାନଙ୍କ ଦେଶକୁ ବା ତାଙ୍କ ପାଖକୁ ଯିବାକୁ ପଡ଼ିଥାଏ । ତାଙ୍କ ସହ ପ୍ରତ୍ୟକ୍ଷ ଭାବରେ ସଂପର୍କ ଯୋଡ଼ିବାକୁ ପଡ଼ିଥାଏ । ଦୈନନ୍ଦିନ ଜୀବନରେ ଘଟୁଥବା ଛୋଟ ଛୋଟ ଘଟଣା ସମୂହକୁ ଅନୁଧ୍ୟାନ କରିବାକୁ ପଡ଼ିଥାଏ ଆଉ ଏସବୁ ଭ୍ରମଣ କରିବା ଦ୍ୱାରା ସମ୍ଭବ ହୋଇଥାଏ । ଭ୍ରମଣ ସାହିତ୍ୟ ଦିଗନ୍ତପ୍ରସାରୀ ସୀମାରେଖାକୁ ଅତିକ୍ରମ ପୂର୍ବକ ସାରସ୍ୱତ ଜଗତର ଭୂମିକୁ ପ୍ରଦାନ କରେ ଅନବଦ୍ୟ ସମ୍ଭାବନା ଆଲୋକ । ଏହା ସାହିତ୍ୟର ଅନ୍ୟାନ୍ୟ ବିଭାଗ ଭଳି ନିର୍ଦ୍ଦିଷ୍ଟ ଓ ବିଶେଷ ଆବେଦନକୁ ବହନ କରି ଆତ୍ମପ୍ରକାଶ ଘଟୁ ନଥିବାରୁ ଏହାକୁ ନିର୍ଦ୍ଦିଷ୍ଟ ସଂଜ୍ଞାର ଭାଷା ଚାତୁରିରେ ପରିଭାଷିତ କରାଯାଇ ପାରିବ ନାହିଁ ।

ପୌରାଣିକ ପରଂପରାରେ ଶିବପାର୍ବତୀଙ୍କ ଦୁଇ ନନ୍ଦନ କାର୍ତ୍ତିକେୟ ଓ ଗଣେଶ ବିଷୟରେ ଗୋଟିଏ ଚମତ୍କାର ଭ୍ରମଣ ବୃତ୍ତାନ୍ତ ଶୁଣିବାକୁ ମିଳେ । ପ୍ରଭୁ ମହାଦେବ ଆପଣାର ଦୁଇ ପୁତ୍ରଙ୍କୁ ପୃଥିବୀ ଭ୍ରମଣ କରିବାକୁ କହୁଥିଲେ । ଗ୍ରୀକର ବିଶିଷ୍ଟ ନାଟ୍ୟକାର ସେକ୍ସପିଅର ଭ୍ରମଣ ସାହିତ୍ୟର ଉପଯୋଗିତା ସଂପର୍କରେ ଯେଉଁ ମତ ପ୍ରଦାନ କରିଥିଲେ ତାହା ଏଠାରେ ଉଲ୍ଲେଖ - "Rather see the wonders of the world abroad the living duly sluggerl dizzied a home wear out youth shapeless idleness" ଗଂଗଦତ୍ତର ଚୌହଦି ଭିତରେ ଆବଦ୍ଧ ହୋଇରହିଥିବା ମଣିଷ ସୃଷ୍ଟି ଚମକପ୍ରଦ ବୈଚିତ୍ରକୁ କଦାପି ଉପଲବ୍ଧି କରିପାରେ ନାହିଁ । ଦେଶାନ୍ତରର ପରିଭ୍ରମଣ ଦ୍ୱାରା ଜଗତରେ ଅଲୌକିକ ସୌନ୍ଦର୍ଯ୍ୟବୋଧକୁ ସହଜରେ ଆବିଷ୍କାର କରିହୁଏ । ସୃଷ୍ଟି, ଜଗତ, ଜୀବନ ଓ ଇତିହାସର ଏକ ସୁମଧୁର ଶିଳ୍ପରୂପ ହେଉଛି ଭ୍ରମଣ ସାହିତ୍ୟ । ଯେଉଁଠି ଏକ ଅଦୃଶ୍ୟ ଜଗତର ଚିତ୍ରପଟକୁ ଆବିଷ୍କାର କରିବାକୁ ସମର୍ଥ ହୋଇଥାଏ ପାଠକ । ମନ ଜଗତର ବହୁ ଚିନ୍ତା ଭାବନା ଦ୍ୱନ୍ଦ୍ୱ ଓ ସମାଧାନର ପନ୍ଥା ଭାବରେ ମନୋଜଗତକୁ ଏହା ବିସ୍ତୀର୍ଣ୍ଣ ଓ ସୁନ୍ଦର କରିଥାଏ ।

**ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି**

ଭ୍ରମଣ କାହାଣୀର ପରିସର ବ୍ୟାପକ । କାବ୍ୟ, କବିତା ଠାରୁ ଆରମ୍ଭ କରି ଗଳ୍ପ ଉପନ୍ୟାସ ଭିତରେ ମଧ ତା'ର କାୟାବିସ୍ତାର କରିସାରିଛି । ଭ୍ରମଣ କାହାଣୀର ପରିସର କେବଳ ନିଜ ଜାତି ବା ଅଞ୍ଚଳରେ ମଧରେ ମଧ ସୀମିତ ନାହିଁ । ଓଡ଼ିଆ ସାହିତ୍ୟରେ ପ୍ରାଥମିକ

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

ପର୍ଯ୍ୟାୟରେ ଯେଉଁ ଭ୍ରମଣ କାହାଣୀଗୁଡ଼ିକ ଲେଖାଯାଉଥିଲା ତାହା ସବୁ ଦେଶୀୟ ଓ ଆଞ୍ଚଳିକ ଭିତ୍ତିଭୂମିକୁ ଲକ୍ଷ୍ୟ କରି କାରଣ ସେତେବେଳେ ଆଜି ପରି ପୃଥିବୀର କୋଣ-ଅନୁକୋଣକୁ ଗମନାଗମନ କରିବା ପରି ବିଶେଷ ସୁବିଧା ନଥିଲା ତେଣୁ ଫକୀରମୋହନ ସେନାପତିଙ୍କ 'ଉତ୍କଳ ଭ୍ରମଣ', ବିଶ୍ୱନାଥ କରଙ୍କ 'ମାଲ୍ୟଗିରି, ମୃତ୍ୟୁଞ୍ଜୟ ରଥଙ୍କ 'ନରାଜ', ଚିନ୍ତାମଣି ମହାନ୍ତିଙ୍କ 'ଗଞ୍ଜାମ ଭ୍ରମଣ' ପ୍ରଭୃତି ଭ୍ରମଣ କାହାଣୀଗୁଡ଼ିକର ପରିସର ବିଶେଷ ବା ବହୁମୁଖୀ ଦିଗକୁ ଦେଖାଇବାରେ ଅସଫଳ ଥିଲା । ଏହା ମାଧ୍ୟମରେ ଯାହା କିଛି ଦେଖାଯାଉଥିଲା ତାହା କେବଳ ଆମ ପ୍ରକୃତି, ଐତିହ୍ୟ, ସଂସ୍କୃତି ତଥା ଉତ୍କଳୀୟ କଥା ଭିତ୍ତିକ । ତେଣୁ ପ୍ରାଥମିକ ପର୍ଯ୍ୟାୟରେ ଭ୍ରମଣ କାହାଣୀଗୁଡ଼ିକର ପରିସର ବେଶୀ ବ୍ୟାପକ ନଥିଲା ହେଲେ ଆଜିର ଭ୍ରମଣ ସାହିତ୍ୟର ପରିସର ଏତେ ବ୍ୟାପକ ଯେ ମନୁଷ୍ୟ ପୃଥିବୀରେ ଯେକୌଣସି ବିଷୟରେ ଜାଣିବାକୁ ଇଚ୍ଛା ପ୍ରକାଶ କଲେ ତାହା ତାକୁ ଅତି ସହଜରେ ମିଳିପାରଛି ଏହି ଭ୍ରମଣ ସାହିତ୍ୟ ଜରିଆରେ । ଜାପାନର ଶିକ୍ଷା ଉପରେ ହେଉ ବା ଆମେରିକାର ରାଜନୀତି ଉପରେ ହେଉ, ଚୀନର ଅତ୍ୟାଧୁନିକରଣ ହେଉ ବା ଲଣ୍ଡନର ସହର ହେଉ ପ୍ରତ୍ୟେକ ବିଷୟରେ ସୂଚନା ଅଛି ଆଜିର ଏହି ଭ୍ରମଣ ସାହିତ୍ୟରେ । ଓଡ଼ିଆ ଭ୍ରମଣ ସାହିତ୍ୟ ପ୍ରଥମରେ ଗୋଟିଏ ଛୋଟ ଝରଣାର ରୂପ ଧାରଣ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ବିରାଟ ସମୁଦ୍ରକୁ ରୂପାୟିତ ହୋଇଛି । ଭ୍ରମଣକାରୀମାନେ ଭ୍ରମଣ ସାହିତ୍ୟକୁ କେବଳ ଖାଦ୍ୟପେୟ, ବାସଗୃହ, ଶିକ୍ଷା, ସାହିତ୍ୟ, କଳା, ଭାସ୍କର୍ଯ୍ୟ, ରାଜନୈତିକ ପ୍ରଭୃତିରେ ସୀମିତ ରଖି ନାହାଁନ୍ତି, ବରଂ ଗୋଟିଏ ଦେଶ ବା ଜାତିର ଅତୀତର ଗୌରବାନ୍ୱିତ ଐତିହ୍ୟଠାରୁ ଆରମ୍ଭ କରି ବର୍ତ୍ତମାନର ସଭ୍ୟତା ପର୍ଯ୍ୟନ୍ତ ଟାଣିଆଣିଛନ୍ତି । ସଂସ୍କୃତି ଓ ପରଂପରା ମଧ୍ୟରେ ନିଜ ପରିସରକୁ ବ୍ୟାପକ କରିପାରିଛନ୍ତି ଆଜିର ଓଡ଼ିଆ ଭ୍ରମଣକାରୀମାନେ । ପୂର୍ବ ରାଜାରାଣୀଙ୍କ ଶାସନ, କୀର୍ତ୍ତି ଠାରୁ ବର୍ତ୍ତମାନର ବାସ୍ତବ ଜଗତ ଯାଏଁ ଭ୍ରମଣ କାହାଣୀର ପରିସର ଲମ୍ବି ଆସିଛି । କେବଳ ଇତିହାସ ମଧ୍ୟରେ ଭ୍ରମଣ କାହାଣୀର ପରିସର ସୀମିତ ତାହା ନୁହେଁ ଏହାର ପରିସର ବିଭିନ୍ନ ତୀର୍ଥ, ଦେବପୀଠ, ଦେବଭୂମି, ଦର୍ଶନୀୟ ସ୍ଥାନ, ନଦୀ, ପର୍ବତ ପର୍ଯ୍ୟନ୍ତ ବ୍ୟାପି ଯାଉଛି । ଭାଷା , ସାହିତ୍ୟ , ଜାତି ପରି ମହତ କ୍ଷେତ୍ରରେ ମଧ୍ୟ ଏହାର ବ୍ୟାପକତା ରହିଛି ।

ଆଞ୍ଚଳିକ ଭିତ୍ତିରେ ରଚିତ ହୋଇଥିବା ଫକୀର ମୋହନ ସେନାପତିଙ୍କ ଉତ୍କଳ ଭ୍ରମଣଂ ଏକ ସାର୍ଥକ ଭ୍ରମଣ ସାହିତ୍ୟ । ୧୯୧୬ ମସିହାରେ ଉତ୍କଳ ପ୍ରେସ କଟକରୁ ପ୍ରକାଶିତ ଏହି ଭ୍ରମଣ ସାହିତ୍ୟ ପଦ୍ୟରେ ରଚିତ । ଏଥିରେ ତତ୍କାଳୀନ ଓଡ଼ିଆ ଜାତିର ତଥା ଓଡ଼ିଶାର ଭାଷା , ସାହିତ୍ୟ , ସାମାଜିକ , ରାଜନୈତିକ ପ୍ରଭୃତି ପରିବେଶକୁ ଅତି ସୁନ୍ଦର ଭାବରେ ଉପସ୍ଥାପନା କରାଯାଇଛି । ମାତୃଭୂମି ଓ ମାତୃଭାଷା ପାଇଁ ମାନବ ସମାଜର ଦାୟିତ୍ୱକୁ ବୁଝାଇବାକୁ ଚେଷ୍ଟା କରାଯାଉଛି । ତୋଷାମଦ କରି ଅନ୍ୟର ପ୍ରିୟପାତ୍ର ହେବା ଅପେକ୍ଷା ନିଜ ଜୀବନକୁ ଦେଶ ବା ଜାତି ପାଇଁ ଉତ୍ସର୍ଗ କରିବା ହେଉଛି ଯଥାର୍ଥ ମାନବିକତା । ଭାରତବର୍ଷରେ ଉତ୍କଳର ଗୌରବ ମହିମାକୁ ବର୍ଣ୍ଣନା କରିବାକୁ ଯାଇ ସେ ଲେଖିଛନ୍ତି -

ଉତ୍କଳ ପବିତ୍ର ଭୂମି ଭାରତ ମଧ୍ୟରେ

କରନ୍ତି ବାସ ଏଥିରେ ପୁଣ୍ୟବନ୍ତ ନରେ

ଅସଂଖ୍ୟ ଅସଂଖ୍ୟ ଯାତ୍ରୀ ଆସୁଛନ୍ତି ଧାଇଁ

ଏହା ମହା ପୁଣ୍ୟ କ୍ଷେତ୍ର ଦେଖିବା ପାଇଁ

ଭାରତର ସର୍ବ ଦେଶେ ଏମନ୍ତ ପ୍ରଚାର

ପବିତ୍ର ଉତ୍କଳ ଭୂମି ଅଟେ ସ୍ୱର୍ଗ ଦ୍ୱାର

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

ପ୍ରକୃତି ଯେମନ୍ତ ଶୋଭା ଏଠାରେ ମେଲିଛି

ଏମନ୍ତ ସୌନ୍ଦର୍ଯ୍ୟରାଶି ଭାରତେ କାହିଁଛି ? (୧)

ପଦ୍ୟରେ ପ୍ରକାଶିତ ବିଶ୍ୱନାଥ କରଙ୍କ ରଚିତ 'ମାଲ୍ୟଗିରି'ରେ ସବୁଜ ଶ୍ୟାମଳ ବିମଣ୍ଡିତ ବିସ୍ତୀର୍ଣ୍ଣ କ୍ଷେତ ପଡ଼ିଆ ତଥା ନଦୀ ଆକାଶ ପରି ମନୋରମ ପ୍ରାକୃତିକ ଦୃଶ୍ୟ ସଂପର୍କରେ ବର୍ଣ୍ଣନା ରହିଛି । ଅନୁଗୋଳ ଜିଲ୍ଲା ପାଲଲହଡ଼ା ନିକଟରେ ଅବସ୍ଥିତ ମାଲ୍ୟଗିରି ପାହାଡ଼ ଉପରୁ ଚାହିଁଲେ ଆକାଶ, ନଦୀ , ଗ୍ରାମ , ବୃକ୍ଷ ଲତା , ଗୁଡ଼ିକର ଦୃଶ୍ୟ ଅତ୍ୟନ୍ତ ମନୋହର ଲାଗେ । ଏହି ମାଲ୍ୟଗିରି ପାହାଡ଼ କେବଳ ଓଡ଼ିଶା ପ୍ରାକୃତିକ ପରିବେଶର ସୌନ୍ଦର୍ଯ୍ୟ ଶୋଭାବର୍ଦ୍ଧନ କରେ ନାହିଁ । ଏହା ସହିତ ଓଡ଼ିଆ ଜାତିର ଐତିହ୍ୟ ମଧ୍ୟ ଜଡ଼ିତ ରହିଛି ।

ଭ୍ରମଣକାରୀ ଯେଉଁ ଦେଶକୁ ପରିଭ୍ରମଣ କରିବାକୁ ଯାଇଥାଏ ସେହି ଦେଶର ଅତୀତ ତଥା ସେହି ଦେଶର ନାମକରଣ ଆଦିକୁ ମଧ୍ୟ ସେ ଭ୍ରମଣ କାହାଣୀର ପରିସର ମଧ୍ୟକୁ ଟାଣି ଆଣିଥାଆନ୍ତି । କାର୍ତ୍ତିକଚନ୍ଦ୍ର ରାଉତଙ୍କ 'ଦ୍ୱାରିକାର ଦ୍ୱାରଦେଶେ' ଭ୍ରମଣ କାହାଣୀଟିରେ ଅହମଦାବାଦ ସହରର ନାମକରଣ ପ୍ରସଙ୍ଗକୁ ଉଲ୍ଲେଖ କରିଛନ୍ତି । ୧୯୩୬ ମସିହାରେ କର୍ଣ୍ଣସୋଲାଙ୍କି ନାମକ ଜୈନିକ ରାଜା କର୍ଣ୍ଣବତୀ ନାମରେ ଏକ ସହର ପ୍ରତିଷ୍ଠା କରିଥିଲେ ସାବରମତୀ ନଦୀକୂଳରେ । ଜାହାଙ୍ଗୀର ଦରବାରରେ ଥିବା ଇଂଗ୍ରେଜ ପରିବାଜକ ମି:ଥୋମାସରୋ ୧୬୧୧ ମସିହାରେ କର୍ଣ୍ଣବତୀ ସହରକୁ ପୃଥିବୀର ସର୍ବଶ୍ରେଷ୍ଠ ସୁନ୍ଦର ସହର ଭାବରେ ଘୋଷଣା କଲେ । ୧୯୪୧ ମସିହାରେ ଜଣେ ପଠାଣ ସୁଲତାନ ଅହମଦଶାହା ଏହି ସହରର ନାମ ଅହମଦାବାଦ ନାମରେ ନାମିତ କରି ପ୍ରତିଷ୍ଠା କଲେ । ସେହିପରି 'ଅପରୂପ ନେପାଳ' ଭ୍ରମଣ କାହାଣୀଟିରେ ଆର୍ତ୍ତତ୍ରାଣ ମିଶ୍ର ନେପାଳର ନାମକରଣ ବିଷୟରେ ଉଲ୍ଲେଖ କରିଛନ୍ତି । ଏହି ପରିପ୍ରେକ୍ଷୀରେ ଉକ୍ତ ଭ୍ରମଣ କାହାଣୀଟିରୁ ଗୋଟିଏ ଅନୁଚ୍ଛେଦ ଏଠାରେ ଉଦ୍ଧାର କରାଯାଇଛି: "ନେପାଳରେ ବହୁ ପ୍ରଚଳିତ ଏକ କିମ୍ବଦନ୍ତୀରୁ ଶୁଣାଯାଏ ଯେ ପ୍ରାକ୍ ଅତୀତ ଯୁଗର କେଉଁ ଏକ ସମୟରେ 'ନେ' ନାମକ ଜଣେ ପ୍ରସିଦ୍ଧ ଋଷି ଏଠାରେ ବସବାସ କରୁଥିଲେ ଏବଂ ନେପାଳର ଐତିହ୍ୟ ପାଇଁ ସେହି 'ନେ' ଋଷିଙ୍କ ଦାନ ଅସୀମ । ତେଣୁ ସେହି ସ୍ମୃତିକୁ ସ୍ମରଣ ରଖିବା ପାଇଁ ଏହି ଦେଶର ନାମ ନେପାଳ ରଖାଗଲା " ।(୨)

ଆର୍ତ୍ତତ୍ରାଣ ମିଶ୍ରଙ୍କ 'ପୂଣ୍ୟଭୂମି ଭାରତବର୍ଷ'ରେ ତୀର୍ଥ କାହାଣୀର ବର୍ଣ୍ଣନା ରହିଛି ସେହିପରି ତାଙ୍କର 'ଦେବପୀଠ ହିମାଳୟ'ରେ ଦେବପୀଠ କଥା ବର୍ଣ୍ଣିତ ଅଛି', 'ଦେବଭୂମି ଦାକ୍ଷିଣାତ୍ୟ'ରେ କର୍ଣ୍ଣାଟକର ସମ୍ଭାବ୍ୟ ଦର୍ଶନୀୟ ସ୍ଥାନ ଦେଖିବାକୁ ମିଳେ, 'ତୁଷାର ତୀର୍ଥ ଅମରନାଥ'ରେ ଦିଲ୍ଲୀ, ଅମରନାଥ, କାଶ୍ମୀର, ଶ୍ରୀନଗର, ଅମୃତ ସହର ଆଦି କେତେକ ସହର ବିଷୟରେ ଜାଣିବାକୁ ମିଳେ । 'ଗଂଗାଚ ଯମୁନେଚୈବ'ରେ ଗଂଗା ଓ ଯମୁନା ଦୁଇ ପୁଣ୍ୟତୋୟା ନଦୀ ସଂପର୍କରେ ଜାଣିବାକୁ ମିଳେ । ଗୋବିନ୍ଦ ଦାସଙ୍କ 'ଦେଶେ ଦେଶେ' (୧୯୬୩)ରେ ବିଲାତର ରାଜନୀତି ଓ ତାଙ୍କ ପାର୍ଲିଆମେଣ୍ଟର କଥା ଏବଂ ଜର୍ମାନର ଭାଗ ହେବା ପ୍ରସଙ୍ଗ ଗୁଡ଼ିକୁ ଦେଖାଇଛନ୍ତି । ଭ୍ରମଣ କାହାଣୀର ପରିସର କ୍ରୀଡ଼ା ଆଡ଼କୁ ମଧ୍ୟ ଅଗ୍ରସର ହୋଇଛି । ଲୋକରତ୍ନ କୁଞ୍ଜବିହାରୀ ଦାଶ ତାଙ୍କ ରଚିତ 'ଆମେରିକାରେ ପୁନଶ୍ଚ' ଭ୍ରମଣ ସାହିତ୍ୟରେ ଆମେରିକାର ଅଲମ୍ପିକ୍ ଖେଳ ଉପରେ ଆଲୋକପାତ କରିଛନ୍ତି ଏମିତିକି ଲେଖକ ଡକ୍ଟର ଦାସ ଅଲମ୍ପିକ୍ ଖେଳାଳିମାନଙ୍କର ଶପଥ ପାଠ ଠାରୁ ଖେଳର ନୀତି ନିୟମ ପ୍ରକୃତିକୁ ଉକ୍ତ ଭ୍ରମଣ ସାହିତ୍ୟରେ ସ୍ଥାନ ଦେଇଛନ୍ତି । ଯଥା- "ପ୍ରକୃତ ଖେଳାଳିର ଉଦାର ମନୋଭାବ ଅନ୍ତରାତ୍ମାରେ ବହନ କରି ମୁଁ ଶପଥ କରଛି ଅଲମ୍ପିକ୍ର ସମସ୍ତ ନିୟମ ମାନି ଚଳିବି । ସବୁ ଅନ୍ତେ ମୋ ଦଳର, ଦେଶର ଓ ଏ ମହାନ୍ ଖେଳର ଗୁରୁତ୍ୱ ଗୌରବ ରକ୍ଷା କରିବି"। (୩) ଅଲମ୍ପିକ ଖେଳର ସର୍ବମୋଟ ଖେଳାଳି ସଂଖ୍ୟା, କେତୋଟି ଦେଶର ଆସିଥିଲେ, କେଉଁ ଦେଶ କେଉଁ ପୁରସ୍କାର ଜିତିଲେ ଖେଳ ସମ୍ବନ୍ଧୀୟ ଏମିତି ଅନେକ ତଥ୍ୟ ଏହି ଭ୍ରମଣ ସାହିତ୍ୟରେ ବର୍ଣ୍ଣିତ । ସୁତରାଂ ସହଜରେ ଅନୁମେୟ ହୁଏ କି ଭ୍ରମଣ

କାହାଣୀର ପରିସର କେତେ ବ୍ୟାପକ । ଚବିଶିଟି ପରିଚ୍ଛେଦର ଏକ ସାର୍ଥକ ଭ୍ରମଣ କାହାଣୀ ହେଉଛି କୁଞ୍ଜବିହାରୀ ଦାସଙ୍କ ଏହି 'ଆମେରିକାରେ ପୁନଶ୍ଚ' ପୁସ୍ତକ ।

ସେହିପରି ଡକ୍ଟର ସଦାଶିବ ମିଶ୍ର କଟକରୁ ଦିଲ୍ଲୀ ଓ ଦିଲ୍ଲୀରୁ ଆମେରିକା ଭ୍ରମଣର ବ୍ୟକ୍ତିଗତ ଅନୁଭୂତିକୁ ତାଙ୍କର 'ମାର୍କିନ ପରିକ୍ରମା' (୧୯୮୯) ଭ୍ରମଣ କାହାଣୀଟିରେ ବର୍ଣ୍ଣନା କରିଛନ୍ତି । ଏଥିରେ ସେ ଆଣ୍ଟିଅକ କଲେଜର ଶିକ୍ଷା ବ୍ୟବସ୍ଥାରେ କିପରି ଉଭୟ ଛାତ୍ରଛାତ୍ରୀ ପଢ଼ିବା ସମୟରେ ପଢା ସହିତ ଶିକ୍ଷା ଓ ଅନ୍ୟାନ୍ୟ ବିଭାଗରେ ତାମିଲ ନେଇ ସମାଜରେ ଜଣେ ଦକ୍ଷ ତଥା ଅଭିଜ୍ଞ ପ୍ରାପ୍ତ ଛାତ୍ରଛାତ୍ରୀ ଭାବରେ ନିଜକୁ ପରିଚିତ କରିଥାନ୍ତି । ଭ୍ରମଣ କାହାଣୀର ପରିସର ସମ୍ବାଦପତ୍ର ଆଡ଼କୁ ମଧ୍ୟ ଲମ୍ବି ଯାଇପାରେ ଏ କଥା ଗୋରାଚାନ୍ଦ ମିଶ୍ର 'ଶିରିଡ଼ିରୁ ପୁଟବର୍ତ୍ତୀ' (୧୯୭୮) ଭ୍ରମଣ କାହାଣୀଟି ପଢ଼ିଲେ ଜାଣିହୁଏ । ଏହାର ପ୍ରାରମ୍ଭରେ କୁମ୍ଭମେଳାରେ ଥିବା ଜଣେ ସାମ୍ବାଦିକ ଓ ଜଟାଧାରୀ ସାଧୁଙ୍କ କଥୋପକଥନର ଆଲୋଚନା କରାଯାଇଛି । ଗୋଲକ ବିହାରୀ ଧଳ 'ଆମେରିକା ଅନୁଭୂତି' (୧୯୭୧) ଭ୍ରମଣ ସାହିତ୍ୟରେ ଆମେରିକାର ପ୍ରାୟ ସାମାଜିକ ଜୀବନ ଚଳଣିକୁ ଦେଖାଇଛନ୍ତି । ଏଥିରେ ଆମେରିକାର ସାଧାରଣ ପରିବାରଠାରୁ ଆରମ୍ଭ କରି ବଡ଼ବଡ଼ ଅନୁଷ୍ଠାନ ପର୍ଯ୍ୟନ୍ତ ଆଲୋଚନା କରାଯାଇଛି । ଆମେରିକାର ଲୋକ ଚରିତ୍ରକୁ ଅତି ନିଖୁଣ ଭାବରେ ଦେଖାଯାଇଛି । ଆମେରିକାର ଧୋବା, ଭଣ୍ଡାରୀ, ଦୋକାନ, ବଜାର, ରାସ୍ତାଘାଟ, ପୋଲିସ୍, କଲେଜ ଆଦିକୁ ଏହି ଭ୍ରମଣ କାହାଣୀର ପରିସର ମଧ୍ୟକୁ ଅଣାଯାଇଛି । ଦୋକାନ ବଜାରରେ ଜିନିଷ ଗୁଡ଼ିକୁ କିପରି ଅତ୍ୟାଧୁନିକ ଢାଞ୍ଚାରେ କ୍ରୟ ବିକ୍ରୟ କରାଯାଏ । ଆଧୁନିକ ଶିକ୍ଷା ପଦ୍ଧତି କିପରି ଉନ୍ନତମାନର ରହିଛି । ଶିକ୍ଷକ ଠାରୁ ପ୍ରଫେସର ଛାତ୍ରଛାତ୍ରୀ ଠାରୁ ଗବେଷକ ସମସ୍ତଙ୍କର କିପରି ଆଚରଣ ଓ ଉଚ୍ଚାରଣ ପରି ଅନେକ ପ୍ରସଙ୍ଗ ଭ୍ରମଣ ସାହିତ୍ୟ ପରିସର ମଧ୍ୟରେ ଉଲ୍ଲେଖ ରହିଛି ।

ତାଙ୍କର 'ଲଣ୍ଡନ ଚିଠି' (୧୯୫୨)ରେ ବିଲାତର ଶିଶୁମାନଙ୍କଠାରୁ ଆରମ୍ଭ କରି ତା'ର ବିଶ୍ୱପ୍ରୀତି ଯୋଜନା ପର୍ଯ୍ୟନ୍ତ ଦର୍ଶାଯାଇଛି । ବିଲାତର ଉଦ୍ୟାନ ଆଦିକୁ ମଧ୍ୟ ଏହାର ପରିସରଭୁକ୍ତ କରାଯାଇଛି । ସୀତାକାନ୍ତ ମହାପାତ୍ରଙ୍କ 'ହିର୍ଭାଡରେ ସେଇ ସବୁଦିନ' (୨୦୧୦) ଓ 'କେମ୍ବ୍ରିଜ ସ୍ମୃତି' (୨୦୦୪) ଭ୍ରମଣ କାହାଣୀରେ ବକ୍ତୃତା, ସେମିନାର୍ ଓ ଶିକ୍ଷାର ପରିବେଶକୁ ଭ୍ରମଣ କାହାଣୀର ପରିସର ମଧ୍ୟକୁ ଆଣିଛନ୍ତି ।

ଡ. ବୈଦ୍ୟନାଥ ମିଶ୍ରଙ୍କ 'ପାଶ୍ଚାତ୍ୟ ଅନୁଭୂତି' (୧୯୯୧) ଓ ଶରତ ଚନ୍ଦ୍ର ମିଶ୍ରଙ୍କ "ଇଉରୋପ ଦେଖା' (୧୯୯୫) ଭ୍ରମଣ ସାହିତ୍ୟରେ ମିଶୋର ଓ ଲଣ୍ଡନ ବିଶ୍ୱବିଦ୍ୟାଳୟର ଶିକ୍ଷା ବ୍ୟବସ୍ଥା ବିଷୟରେ ବର୍ଣ୍ଣନା ଅଛି । କେବଳ ଏତିକି ନୁହେଁ କୈଳାସ ଚନ୍ଦ୍ର ଭାରତକରଙ୍କ 'ଜାପାନ ଯାତ୍ରା', ରାମକୃଷ୍ଣ ତ୍ରିପାଠୀଙ୍କ 'ମେସୋପଟାମିୟା ଯାତ୍ରା', ରାଧାନାଥ ରାୟଙ୍କ 'ଜାପାନ ଜାତକ', ସୁରେନ୍ଦ୍ର ମହାନ୍ତିଙ୍କ 'ପେକିଂ ଡାଏରୀ', ଅନ୍ନଦା ଶଙ୍କର ରାୟଙ୍କ 'ବିଲାତ ଚିଠି', ଭୁବନାନନ୍ଦ ଦାସଙ୍କ 'ବିଲାତ ପତ୍ର', ଶ୍ରଦ୍ଧାକାର ସୂପକାରଙ୍କ 'ଋଷିଆ ଭ୍ରମଣ', ଚିତ୍ତରଂଜନ ଦାସଙ୍କ 'ନେପାଳ ପଥେ', 'ଡେନମାର୍କ ଚିଠି', 'ଭାରତରୁ ଚୀନ୍', ପ୍ରତିଭା ରାୟଙ୍କ 'ନ୍ୟୁୟର୍କରୁ ନାଗାସାକି' ଭଳି ଅନେକ ଭ୍ରମଣ ସାହିତ୍ୟ ରହିଛି ଯେଉଁଥିରୁ ସହଜରେ ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି ବିଷୟରେ ଜଣାପଡ଼ିବା ସହ ଦିନକୁ ଦିନ ଏହାର ବ୍ୟାପ୍ତି ବିଶ୍ୱମୁଖୀ ହେଉଥିବାର ଦେଖାଯାଏ । ପ୍ରାଥମିକ ପର୍ଯ୍ୟାୟରେ ଓଡ଼ିଆ ଭ୍ରମଣ ସାହିତ୍ୟର ପରିସର ଓ ବ୍ୟାପ୍ତି ଥିଲା ଆଞ୍ଚଳିକ ଏବଂ ପରେ ଏହା ଦେଶ ଆଡ଼କୁ ଅଗ୍ରସର ହୋଇଥିଲେ ମଧ୍ୟ ଏବେ ବିଶ୍ୱମୁଖୀ ହେବାରେ ଲାଗିଛି । ସୁତରାଂ ଭ୍ରମଣ କାହାଣୀର ପରିସର ଗୋଟିଏ ନିର୍ଦ୍ଦିଷ୍ଟ ବିଷୟ ବା ନିର୍ଦ୍ଦିଷ୍ଟ ପରିସରରେ ମଧ୍ୟରେ ଖୋଜିବା ଅର୍ଥହୀନ । ଏବେ ଭ୍ରମଣ କାହାଣୀର ପରିସର ସମଗ୍ର ବିଶ୍ୱର ବିଭିନ୍ନ ସ୍ଥାନ ଓ ଦିଗ ଆଡ଼କୁ ଅଗ୍ରସର ହେଉଛି, ଯାହା ଆମ ଓଡ଼ିଆ ସାହିତ୍ୟ ପାଇଁ ଶୁଭ ସୂଚନା ।

The Brāhmī, International Multidisciplinary Research Journal
(Peer Reviewed, Referred & Open Access Journal)
Volume: 01 | Issue: 01 | Mar-May 2024 | www.thebrahmi.com

**ଉପସଂହାର**

ଊନବିଂଶ ଶତାବ୍ଦୀରେ ସୃଷ୍ଟି ହୋଇଥିବା ଓଡ଼ିଆ ଭ୍ରମଣ ସାହିତ୍ୟ ହେଉଛି ଆଧୁନିକ ସମାଜ ପ୍ରତି ଇଶ୍ୱରୀୟ ଅବଦାନ । ସାଧାରଣ ଭାବରେ ସାହିତ୍ୟର ଅନ୍ୟାନ୍ୟ ବିଭାଗ ଅପେକ୍ଷା ଏହାର ପରିସର ଓ ବ୍ୟାପକତା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ରହିଅଛି । ଭ୍ରମଣ ସାହିତ୍ୟରେ କେବଳ ସ୍ଥାନ , ସମୟ , ତାରିଖ , ରାସ୍ତାଘାଟ , କୋଠାବାଡ଼ି , ରହି ନଥାଏ । ଏଥିରେ ଗୋଟିଏ ଦେଶ ବା ଜାତିର ଐତିହ୍ୟ , ସଂସ୍କୃତି , ପରଂପରା , ଧର୍ମ , ଦର୍ଶନ , ଶିକ୍ଷା , ସାମାଜିକ ବ୍ୟବସ୍ଥା , ରାଜନୈତିକ ପରିସ୍ଥିତି , ଭୌଗୋଳିକ ପରିବେଶ ପ୍ରଭୃତି ସହିତ ବୃହତ ସମିଜର ଲୋକ ଚଳଣି ମଧ ରହିଥାଏ । ପ୍ରାଥମିକ ପର୍ଯ୍ୟାୟରେ ଏହି ଭ୍ରମଣ ସାହିତ୍ୟ ନିର୍ଦ୍ଦିଷ୍ଟ ସୀମା ମଧରେ ସୀମିତ ଥିଲେ ମଧ ଏବେ ଏହା ବିଶ୍ୱମୁଖୀ ହୋଇ ସାରିଛି । ଭ୍ରମଣକାରୀମାନେ ଭାରତ ତଥା ଭାରତର ବାହାର ଦେଶକୁ ଭ୍ରମଣ କରି ସେଠାରୁ ପ୍ରାପ୍ତ ଅନୁଭବ ଓ ଅନୁଭୂତିକୁ ସାହିତ୍ୟ ମଧରେ ପ୍ରବେଶ କରାଇ ଉନ୍ନତମାନର ଭ୍ରମଣ ସାହିତ୍ୟ ସୃଷ୍ଟି କରୁଛନ୍ତି । ଯାହା ଫଳରେ ପାଠକ ଦେଶରେ ରହି ମଧ ବିଦେଶ ଲୋକଙ୍କ ସଂପର୍କରେ ଜାଣିବାକୁ ପାଉଛି । ଅନେକ ସମୟରେ ମଣିଷର ଜିଜ୍ଞାସାବୋଧ ଏହି ଭ୍ରମଣ ସାହିତ୍ୟରୁ ପ୍ରାପ୍ତ ହୋଇଥାଏ । ସାଧାରଣ ପାଠକ ବା ଲୋକ ପାଇଁ ଏହି ଧରଣର ପ୍ରବନ୍ଧ ଉପଯୋଗିତା ରହିଛି । ସଂକ୍ଷେପରେ ହେଲେ ମଧ ଏହି ପ୍ରବନ୍ଧରେ ଭ୍ରମଣ ତଥା ଦେଶବିଦେଶର ତଥ୍ୟ ରହିଛି । ଯାହା ଭବିଷ୍ୟତରେ ଗବେଷକମାନଙ୍କୁ ଗବେଷଣା କରିବା କ୍ଷେତ୍ରରେ ମଧ ଉପଯୋଗୀ ହେବ । ମୋଟାମୋଟି ଭାବରେ କହିଲେ ଆଧୁନିକ ଓଡ଼ିଆ ସାହିତ୍ୟ ଓ ସମାଜର ବିକାଶ କ୍ଷେତ୍ରରେ ଭ୍ରମଣ ସାହିତ୍ୟର ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ।

**ପାଦଟୀକା**

୧/ ସେନାପତି ଫକୀର ମୋହନ , ଉତ୍କଳ ଭ୍ରମଣଂ , ପୃଷ୍ଠା ୨

୨/ ମିଶ୍ର ଆର୍ତ୍ତତ୍ରାଣ , ଅପରୂପା ନେପାଳ , ପୃଷ୍ଠା ୧୧

୩/ ଦାଶ କୁଞ୍ଜବିହାରି , ଆମେରିକାରେ ପୁନଶ୍ଚ , ପୃଷ୍ଠା ୩୦

**ସହାୟକ ପୁସ୍ତକ ସୂଚୀ :**

୧. ମହାରଣା, ସୁରେନ୍ଦ୍ର କୁମାର : ଓଡ଼ିଆ ସାହିତ୍ୟର ଇତିହାସ, ଏ.କେ. ମିଶ୍ର ପବ୍ଲିଶର୍ସ, ସତ୍ୟଭାମା ରକ୍ସିଲେସ, ବାଦାମବାଡ଼ି, କଟକ, ପଞ୍ଚମ ସଂସ୍କରଣ, ୨୦୧୮

୨. ଧଳ, ଗୋଲକ ବିହାରୀ : ଆମେରିକା ଅନୁଭୂତି, ଫ୍ରେଣ୍ଡସ୍ ପବ୍ଲିଶର୍ସ, ବିନୋଦବିହାରୀ, କଟକ, ଚତୁର୍ଥ ସଂସ୍କରଣ, ୧୯୭୧

୩. ମିଶ୍ର, ସଦାଶିବ : ମାର୍ଟିନ ପରିକ୍ରମା, ଓଡ଼ିଶା ବୁକ୍ ଷ୍ଟୋର, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୧୯୮୯

୪. ପାଢ଼ି, ବେଣୁଧର : ସାହିତ୍ୟର କାୟାକଳ୍ପ, ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ, ବିନୋଦବିହାରୀ, କଟକ, ପ୍ରଥମ ସଂସ୍କରଣ, ୨୦୨୦